# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖୁବ୍‌ଶୀଘ୍ର ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ ହେବା ନେଇ ବିଧାନସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- ପରବର୍ତ୍ତୀ ବିଧାନସଭା ଅଧିବେଶନରେ ପେଶା ବିଧେୟକ ଆଗତ କରାଯିବ; ଗୃହରେ କହିଲେ ପଞ୍ଚାୟତିରାଜ ମନ୍ତ୍ରୀ
- ବାର୍ଡ ଫ୍ଲୁ ନିୟନ୍ତ୍ରଣ ଓ ନିରାକରଣ ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଛନ୍ତି କେନ୍ଦ୍ରୀୟ ଦଳ
- ସୁଭଦ୍ରା ଯୋଜନାରେ ଆଜିଠାରୁ ଆରମ୍ଭ ହେଲା ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା

ଏବଂ

- ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା

# ଜୈବିକ କୃଷିକୁ ଗୁରୁତ୍ୱ

ରାଜ୍ୟରେ ଖୁବଶୀଘ୍ର ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯିବ। ଜୈବିକ କୃଷିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ମିଶନ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କୃଷିଜୀବୀଙ୍କ ସହ ଜୈବିକ ଚାଷରେ ସଂଶ୍ଳିଷ୍ଟ ବେସରକାରୀ ସଂସ୍ଥାକୁ ମଧ୍ୟ ଏହି ମିଶନ ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଗତ ୨୦୧୮ ମସିହାରେ ରାଜ୍ୟରେ ଜୈବିକ କୃଷି ନୀତି କାର୍ଯ୍ୟକାରୀ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ୮ଟି ଜିଲ୍ଲାକୁ ସାମିଲ କରାଯାଇଥିବାବେଳେ ଏବେ ୨୫ଟି ଜିଲ୍ଲା ଏଥିରେ ଯୋଡି ହୋଇଥିବା ସେ କହିଛନ୍ତି। ମୋଟ୍ ୫୯ ହଜାର ୭୨୦ ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଛି। ଚଳିତବର୍ଷ ସବୁ ଜିଲ୍ଲାରେ ଜୈବିକ କୃଷି କାର୍ଯ୍ୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଜମିର ମାନ ପରୀକ୍ଷା ଫଳାଫଳ ଆଧାରରେ  କୃଷି କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯିବ। ଜୈବିକ ଚାଷୀଙ୍କୁ ବଜାର ସୁବିଧା ପ୍ରଦାନ ଲାଗି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏପରିକି ଜୈବିକ ଚାଷରୁ ଉତ୍ପାଦିତ ଶସ୍ୟକୁ ରପ୍ତାନୀ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଢେଙ୍କାନାଳର ଆମ୍ବ ଏବଂ ବଲାଙ୍ଗିରର ପୋଟଳ ଦୁବାଇକୁ ରପ୍ତାନୀ କରାଯାଉଛି ବୋଲି ଗୃହରେ ସୂଚନା ଦେଇଛନ୍ତି।

## ପେଶା ଆଇନ

ଆଦିବାସୀଙ୍କ ଭାଷା, ସଂସ୍କୃତି ଏବଂ ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ପରବର୍ତ୍ତୀ ବିଧାନସଭାରେ ସରକାର ପେଶା ବିଧେୟକ ଆଗତ ବୋଲି ସେ କହିଛନ୍ତି। ବିଧାନସାଭରେ ଆଜି ଏ ସଂକ୍ରାନ୍ତ ମୁଲତବୀ ଆଲୋଚନାର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ଏ ନେଇ ଅଧିକ ବିଚାର ଆଲୋଚନାର ଆବଶ୍ୟକତା ରହିଛି। ଅନୁସୂଚିତ ଜନଜାତି ବର୍ଗର ବିଧାୟକ ଏବଂ ଅନ୍ୟ ସଦସ୍ୟମାନଙ୍କ ସହ ଏ ନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ଇତିମଧ୍ୟରେ ଚିଠା ପେଶା ବିଧେୟକକୁ ଓଡ଼ିଆ ଏବଂ ସାନ୍ତାଳି ଭାଷାରେ ଅନୁବାଦ କରାଯାଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜିଲ୍ଲାପାଳମାନଙ୍କ ପାଖକୁ ପଠାଯାଇଛି। ଫଳରେ ଏହା ଉପରେ ଅଧିକ ବିଚାର ବିମର୍ଷ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପେସା ଆଇନ୍ ବଳରେ ଆଦିବାସୀଙ୍କ ଭାଷା, ସଂସ୍କୃତି ଏବଂ ଅଧିକାରର ସୁରକ୍ଷା ହେବା ସହ ସରପଞ୍ଚ ଅଧିକ କ୍ଷମତା ପ୍ରାପ୍ତ ହେବେ।

## ବିଧାନସଭା-ଖାଦ୍ୟ ସୁରକ୍ଷା ଯୋଜନା

ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଗହମ ଯୋଗାଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାରେ ଆଜି ଏହି ପ୍ରସଙ୍ଗରେ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର

କହିଛନ୍ତି, ଏହି ଯୋଜନା ଅଧିନରେ ୨୦ ଭାଗ ଗହମ ଯୋଗାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି । ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଗହମ ଯୋଗାଣ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା । ଖାଦ୍ୟ ସୁରକ୍ଷା କମିଶନଙ୍କ କାର୍ଯ୍ୟକୁ ତର୍ଜମା କରାଯାଉଛି । ଏଥିପାଇଁ ଆବଶ୍ୟକ କମିଟି ଗଠନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ ।

## ବିଧାନସଭା-ରାସନକାର୍ଡ

ଚଳିତମାସ ଶେଷ ସୁଦ୍ଧା ନୂଆ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବିଧାନସଭାରେ ଆଜି ଏ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ଲୋକ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି । ଗତମାସ ୨୨ ତାରିଖରୁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଛି । ଇତିମଧ୍ୟରେ ପ୍ରାୟ ୪୪ ଲକ୍ଷ ୩୭ ହଜାର ଲୋକଙ୍କର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି ।

## ବିଧାନସଭା ବିଧାୟକ ପେନସନ୍ ରାଶି

ପୂର୍ବତନ ବିଧାୟକଙ୍କ ପେନସନ୍ ରାଶି ବୃଦ୍ଧି ସହ ବିଧାୟକଙ୍କ ଦରମା ଓ ଆନୁଷଙ୍ଗିକ ଖର୍ଚ୍ଚ ରାଶିକୁ ବୃଦ୍ଧି କରିବା ନେଇ ଆଜି ଗୃହରେ ଉଭୟ ଶାସକ ଏବଂ ବିରୋଧୀ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଭୟ ଦଳର ସଦସ୍ୟ ଦରଦାମ ବୃଦ୍ଧି ଦୃଷ୍ଟିରୁ ପୂର୍ବ ଧାର୍ଯ୍ୟ ପେନସନ୍ ଯଥେଷ୍ଟ ହେଉନି ବୋଲି କହିଛନ୍ତି । ସରକାର ଏ ନେଇ ତୁରନ୍ତ ପଦକ୍ଷେପ

ନେବାକୁ ସଦସ୍ୟମାନେ ଦାବି କରିଥିଲେ। ବାଚସ୍ପତି ସୁରମା ପାଢ଼ି ସଦସ୍ୟଙ୍କ ଦାବି ପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ବାର୍ଡ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ଏବଂ ନିରାକରଣ ଲାଗି ୧୦ ଜଣିଆ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଓଡ଼ିଶା ଗସ୍ତରେ ଆସି ଆଜି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଛନ୍ତି। ପୁରୀ ଜିଲ୍ଲା ନିମାପଡାର ବୁଢ଼ାକେରାଠାରେ ସମୀକ୍ଷା କାର୍ଯ୍ୟ ଚାଲିଛି। ଜିଲ୍ଲାର ପିପିଲିର ଆବଲପୁର, ସତ୍ୟବାଦୀ, ଡେଲାଙ୍ଗ ତଥା ମୋଟରୀ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। କ୍ଷତିଗ୍ରସ୍ତ ଚାଷୀଙ୍କ ସମେତ ପ୍ରାଣୀଚିକିତ୍ସା ଓ ପଶୁପାଳନ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିବେ। ସୂଚନା ଅନୁସାରେ, ପ୍ରଭାବିତ ୪ଟି ବ୍ଲକ୍‌ରେ ପ୍ରାୟ ୪୯ ହଜାର କୁକୁଡା ମାରି ପୋତି ଦିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହାବ୍ୟତୀତ କୁକୁଡା ମାରିବା ଏବଂ ଫାର୍ମ ବିଶୋଧନ କାର୍ଯ୍ୟରେ ୫୧ଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ନିୟୋଜିତ ହୋଇଛନ୍ତି।

## ସୁଭଦ୍ରା ଯୋଜନା-୨

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଜିଠାରୁ ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରୂପିତ ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟ ଗୁଡ଼ିକରେ ହିତାଧିକାରୀମାନେ ଆବେଦନ କରିପାରିବେ। ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡା ଆଜି ଅପରାହ୍ଣରେ ଭୁବନେଶ୍ୱର ବାପୁଜୀ ନଗର ସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ଫର୍ମ ବଣ୍ଟନ କାର୍ଯ୍ୟ ଓ ନିକଟସ୍ଥ ଜନସେବା କେନ୍ଦ୍ରରେ ଫର୍ମ ଦାଖଲ ଏବଂ ଡିଜିଟାଲାଇଜେସନ କାର୍ଯ୍ୟର ତଦାରଖ କରିବେ। ସୁଭଦ୍ରା ଯୋଜନା ସମ୍ପର୍କିତ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୱେବ୍ ପୋର୍ଟାଲ୍ subhadra.odisha.gov.in ର ଆରମ୍ଭ ହୋଇଛି। ଏହା ସହ ଟୋଲ୍‌ଫ୍ରି ନମ୍ବର **୧୪୬୭୮** ମଧ୍ୟ ଜାରି କରାଯାଇଛି । ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନମ୍ବରଟି କାର୍ଯ୍ୟକ୍ଷମ ରହୁଛି ।

## ସୁଭଦ୍ରା ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ

ଗଜପତି ଜିଲ୍ଲା ମୋହନାଠାରେ ସୁଭଦ୍ରା ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକୃତ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ସଠିକ୍ ତଥ୍ୟ ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଅଭିବୃଦ୍ଧି ହାର

ଭାରତର ଅଭିବୃଦ୍ଧି ହାର ଚଳିତ ଆର୍ଥିକବର୍ଷ ୭ ପ୍ରତିଶତରେ ପହଞ୍ଚିବ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ପୂର୍ବାନୁମାନ କରିଛି। ପୂର୍ବରୁ ଏହା ୬ ଦଶମିକ ୮ ପ୍ରତିଶତରେ ସୀମିତ ରହିବ ବୋଲି ଆକଳନ କରିଥିଲା।

ଘରୋଇ ଉପଯୋଗିତା ଏବଂ ପୁଞ୍ଜିନିବେଶ ବୃଦ୍ଧି ପରିପ୍ରେକ୍ଷୀରେ ଅଭିବୃଦ୍ଧି ହାର ବଢ଼ିବ ବୋଲି ବିଶ୍ୱ ବ୍ୟାଙ୍କ ମଧ୍ୟ ଆକଳନ କରିଛି । ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଅଭିବୃଦ୍ଧି ହାର ୭ ଦଶମିକ ୨ ପ୍ରତିଶତ ରହିବ ବୋଲି ଆକଳନ କରିଛି ।

## ଟେଲିଫୋନ କଲ୍ ସମସ୍ୟା

ଅନାବଶ୍ୟକ ଟେଲିଫୋନ୍ କଲ୍ ସମସ୍ୟାର ସମାଧାନ କରିବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ-ଟ୍ରାଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। ଦେଶରେ ୨ ଲକ୍ଷ ୭୫ ହଜାର ଟେଲିଫୋନ୍ ନମ୍ବରକୁ ବ୍ଲକ୍ କରାଯାଇଛି। ଏଥିସହ ୫୦ଟି ସଂସ୍ଥା ଉପରେ କଟକଣା ଜାରି କରାଯାଇଛି। ଟ୍ରାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷର ପ୍ରଥମ ୬ ମାସ ମଧ୍ୟରେ ପଞ୍ଜୀକୃତ ହୋଇନଥିବା ଟେଲି ମାର୍କେଟିଂ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ପାଖାପାଖି ୮ ଲକ୍ଷ ଅଭିଯୋଗ ହସ୍ତଗତ ହୋଇଥିଲା। ପ୍ରତିଦିନ ୫୦ ରୁ ଅଧିକ କଲ୍ କରୁଥିବା କିମ୍ବା ୫୦ ରୁ ଅଧିକ ଏସ୍ଏମ୍ଏସ୍ ପଠାଉଥିବା ନମ୍ବରଗୁଡ଼ିକୁ ଯାଞ୍ଚ କରିବା ଲାଗି ପ୍ରସ୍ତାବ ରହିଛି। ଏ ନେଇ ଟ୍ରାଇ ପକ୍ଷରୁ ବିଭିନ୍ନ ନିୟାମକ ସଂସ୍ଥାଗୁଡ଼ିକ ସହ ଆଲୋଚନା କରାଯାଉଥିବା ଜଣାପଡିଛି।

# କଟକ ବାଲିଯାତ୍ରା ବୈଠକ

କଟକର ଐତିହାସିକ ବାଲିଯାତ୍ରା ଆସନ୍ତା ନଭେମ୍ବର ମାସ ୧୫ ତାରିଖରୁ ଆରମ୍ଭ ହେବ । କଟକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ବାଲିଯାତ୍ରାକୁ ସୂଚାରୁରୂପେ ପରିଚାଳନା କରିବା ସହିତ ଏହାକୁ କିପରି

ଅଧିକ ଆକର୍ଷଣୀୟ କରାଯାଇ ପାରିବ, ସେହି ବିଷୟରେ ବୈଠକରେ ମୁଖ୍ୟତଃ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା କହିଛନ୍ତି ।

## ହାତୀମୃତ୍ୟୁ

ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂ ଥାନାର ଫୁଲପୁଟି ଗ୍ରାମ ସାଲନଦୀ ପୋଲ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଇ ହାତୀର ମୃତ୍ୟୁ ହୋଇଛି । ସେହି ଅଞ୍ଚଳରେ ଗତ କିଛିଦିନ ହେବ ଦୁଇଟିକିଆ ହାତୀପଲ୍ଲ ବୁଲୁଥିବା ଜଣାପଡିଛି । ବନବିଭାଗର ଅଧିକାରୀ ହାତୀ ମୃତ୍ୟୁର କାରଣ ନେଇ ଅଧିକ ତଦନ୍ତ କରୁଛନ୍ତି ।

## ବିଜେପି ସଦସ୍ୟ ଗ୍ରହଣ

**ନବରଙ୍ଗପୁର** ଜିଲ୍ଲା ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ନବରଙ୍ଗପୁରଠାରେ ସାମ୍ବାଦିକମାନଙ୍କୁ ସାଂସଦ ବଳଭଦ୍ର ମାଝୀ ଏବଂ ବିଧାୟକ ଗୌରୀଶଙ୍କର ମାଝୀ ଏହି ସୂଚନା ଦେଇଛନ୍ତି । ଦଳର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ଅଧିକରୁ ଅଧିକ ଅବଗତ କରାଇବା ଲାଗି ଦଳୀୟ କର୍ମୀ ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା ମାଧ୍ୟମରେ ସଦସ୍ୟତା ଗ୍ରହଣ କରିବାକୁ ଅନୁରୋଧ କରିବେ ବୋଲି ସେମାନେ କହିଛନ୍ତି ।

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୮ ତାରିଖ ରବିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି । ଗତ ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୨ ପ୍ରତିଶତ କମ୍ ବର୍ଷା ହୋଇଛି । ଏହି ସମୟ ମଧ୍ୟରେ ୧୨ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି ।

**********************************